## ସଂକ୍ଷେପରେ

### ଓ.ପି. ଜିନ୍ଦଲ ସ୍କୁଲରେ 'ଖେଲୋ ଇଣ୍ଡିଆ' କର୍ମଶାଳା

ଅନୁଗୋଳ ଅଫିସ, ୨୦।୭- ଅନୁଗୋଳର ଜିନ୍ଦଲ ନଗର ସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସେଣ୍ଟର ଫର ଏକ୍ସିଲେନ୍ସ ଭୁବନେଶ୍ୱର ପକ୍ଷରୁ ଏକଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କ୍ରୀଡ଼ା ବିଶେଷଜ୍ଞ ମହମ୍ମଦ ହୁସେନ୍ ଓ ମହମ୍ମଦ ସମିମ୍ ଖାଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୮ ଜଣ କ୍ରୀଡ଼ା ଶିକ୍ଷକ ଯୋଗଦେଇଥିଲେ।

କାର୍ଯ୍ୟକ୍ରମକୁ ଓ.ପି. ଜିନ୍ଦଲ ସ୍କୁଲ ଅଧ୍ୟକ୍ଷ ଛନ୍ଦାଚରଣ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମସ୍ତ କ୍ରୀଡ଼ା ଶିକ୍ଷକମାନଙ୍କୁ ସ୍ୱାଗତ କରିବା ସହ ସିବିଏସ୍‌ଇର ଉକ୍ତ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ ମଧ୍ୟ କରିଥିଲେ। ତେବେ 'ସୁସ୍ଥ ଶରୀର ସୁସ୍ଥ ମସ୍ତିଷ୍କର ନିୟାମକ' ବୋଲି ପ୍ରତିପାଦିତ କରିଥିଲେ। ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଏ ଦେଶର ଅମୂଲ୍ୟ ସମ୍ପଦ। ଏଣୁ ସେମାନେ ନିରୋଗ ଓ ସ୍ୱାସ୍ଥ୍ୟବାନ ରହିବା ପାଇଁ କ୍ରୀଡ଼ା ଶିକ୍ଷକମାନେ ସୁମଚିତ ପଦକ୍ଷେପ ଗ୍ରହଣ କରିବା ସହିତ କ୍ରୀଡ଼ାକ୍ଷେତ୍ରରେ ଭାରତକୁ ବିଶ୍ୱରେ ଅଗ୍ରଣୀ କରିବା ପାଇଁ ମଧ୍ୟ ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ବିଭିନ୍ନ କାଳାଂଶରେ ବିଭାଜିତ ଏହି କର୍ମଶାଳାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ. ଅରୁଣ କୁମାର ଦାଶ ସଂଯୋଜନା କରିଥିବାବେଳେ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

### ଦୃଷ୍ଟିହୀନ ଅନୁଷ୍ଠାନରେ ବୃକ୍ଷ ରୋପଣ

ଅନୁଗୋଳ ଅଫିସ, ୨୦।୭- ଅନୁଗୋଳ ଆଙ୍ଗୁଲା ଗ୍ରାମସ୍ଥିତ କେଦାର ଗୌରୀ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଡମ୍ବରୁଧର ସାହୁ ସଭାପତିତ୍ୱ କରିଥିଲେ। ବଉଳ, ଲିମ୍ବ, ଅଶୋକ, ପିଜୁଳି ଆଦି ବୃକ୍ଷ ରୋପଣ କରାଯାଇଥିଲା। ଅନୁଷ୍ଠାନ ସଭାପତି ପ୍ରଶାନ୍ତ ସାହୁ ଓ ସାଥୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ହିମାଦ୍ରି ବିଶ୍ୱାଳ, ସୁଶ୍ରୀ ସଙ୍ଗୀତା ମହାନ୍ତି ଓ ଅଦ୍ୟାଶ୍ଳୋକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଭଲମନ୍ଦ ବୁଝିବା ସହ ପିଲାମାନଙ୍କ ଖାଦ୍ୟ ପାଇଁ ଆର୍ଥିକ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସାମାଜିକ କର୍ମୀମାନେ ଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ପରିବେଶ ପାଇଁ ବୃକ୍ଷରୋପଣ ଜରୁରୀ

ଅନୁଗୋଳ ଅଫିସ, ୨୦।୭- ସବୁଜ ଧରିତ୍ରୀ, ପ୍ରଦୂଷଣମୁକ୍ତ ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୃକ୍ଷରୋପଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ବହୁଳ ମାତ୍ରାରେ କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବଶକ୍ତି ଆହ୍ୱାନ କ୍ରମେ ରନ୍ତଲେଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅଶୋକ, ବଉଳ, ଅଁଳା, ହରିଡ଼ା ଓ ବାହାଡା ଆଦି ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ଲଗାଯାଇଥିଲା। ଶିକ୍ଷକ ମହେଶ୍ୱର ଦେହୁରୀ, ପ୍ରଦୀପ କୁମାର ସାହୁ ଓ ସୁବ୍ରତ କୁମାର ସ୍ୱାଇଁଙ୍କ ସମେତ ଅନୁଷ୍ଠାନର ଆଦିତ୍ୟ ପ୍ରସାଦ ମିଶ୍ର, ସୌମ୍ୟରଞ୍ଜନ ସୂତାର, ରାକେଶ ପରିଡ଼ା, ଦିବ୍ୟଜ୍ୟୋତି ନାୟକ, ଜଗନ୍ନାଥ ବେହେରା, ନିରୋଦ ସାହୁ ଓ ବିରାଟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

ବଣ୍ଡଁରପାଳ, ୨୦।୭ (ଡି.ଏନ.ଏ.)- ବଣ୍ଡଁରପାଳ ବ୍ଲକ ଅନ୍ତର୍ଗତ ନାଲ୍‌କୋ ମୁଣ୍ଡା ହଟିଂରେ ରହୁଥିବା ହୀରାମଣି ବେହେରାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଶନିବାର ଭୋର ୪ଟା ସମୟରେ ସେ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ନାଲ୍‌କୋ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଫେରାର ଅଭିଯୁକ୍ତ କୋର୍ଟଚାଲାଣ

ଅନୁଗୋଳ ଅଫିସ, ୨୦।୭- ଅନୁଗୋଳ ଚନ୍ଦ୍ରବାହାଲ ଅଞ୍ଚଳରେ ଏକ ଗଣ୍ଡଗୋଳ ଘଟଣାରେ ଫେରାର ଥିବା ସରୋଜ ଦାସ(୩୨)ଙ୍କୁ ଅନୁଗୋଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୂର୍ବରୁ ନଂ. ୪୫୧/୧୯ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ସରୋଜ ଫେରାର ଥିଲେ। ସରୋଜ ଚନ୍ଦ୍ରବାହାଲ ଅଞ୍ଚଳର ଜଣେ ମହିଳାଙ୍କୁ ମାରଧର କରିଥିବା ଥାନାରେ ଅଭିଯୋଗ କରିଥିଲେ।

## ଅଧିକ ମଦ ବିକିଲେ ପୁରସ୍କାର ପ୍ରସ୍ତାବ

# ଅଭିଜ୍ଞତା ନୁହେଁ ଅପରିପକ୍ୱତା

ଗୁଜରାଟ, ମିଜୋରାମ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଓ ବିହାର ପରି ଗୋଟିଏ ପରେ ଗୋଟିଏ ରାଜ୍ୟ ମଦକୁ ନିଷେଧ କରିଥିବା ବେଳେ ଓଡ଼ିଶା ସରକାର ଏହାର ବିପରୀତ କାର୍ଯ୍ୟ କରିବା, ସର୍ବୋପରି ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟି ଅଧିକ ମଦ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ପୁରସ୍କୃତ ଲାଗି ସୁପାରିସ କରିବା ରାଜ୍ୟ ସରକାରଙ୍କ ସାମାଜିକ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତରେ ପ୍ରତିବର୍ଷ ମଦ୍ୟପାନ ଯୋଗୁ ୨ଲକ୍ଷ ୬୦ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ଦୁର୍ଘଟଣାରେ ବାର୍ଷିକ ଦେଢ଼ଲକ୍ଷ ଲୋକଙ୍କ ଜୀବନ ଯାଉଥିବା ବେଳେ ଅଧିକାଂଶ ଦୁର୍ଘଟଣା ମଦ୍ୟପାନ ଜନିତ ବୋଲି ରିପୋର୍ଟ ପ୍ରକାଶ ପାଉଛି। ଦୁର୍ଘଟଣା ମୃତ୍ୟୁସଂଖ୍ୟା ବୃଦ୍ଧିକୁ ନେଇ ବସୁଥିବା ସଡ଼କ ନିରାପତ୍ତା କମିଟି ବୈଠକରେ ଚିନ୍ତାବ୍ୟକ୍ତ କରାଯାଉଛି। ନିଶା ପାଇଁ କେତେ ପରିବାର ଉଜୁଡ଼ି ଯାଉଛି ତାହାର ହିସାବ ସରକାରଙ୍କ ନିକଟରେ ରହିଛି। ତଥାପି ସମାଜର ଏହି ଶତ୍ରୁ ମଦକୁ ପ୍ରୋତ୍ସାହନ ରାଜ୍ୟ ସରକାରଙ୍କ ଦୀର୍ଘ ବର୍ଷର ଅଭିଜ୍ଞତା ନୁହେଁ ଅପରିପକ୍ୱତାକୁ ଦର୍ଶାଉଥିବା ସାଧାରଣରେ ଆଲୋଚନା ହେଉଛି।

– ରିପୋର୍ଟ: ଉପେନ୍ଦ୍ର ରାଉତ, ବଣ୍ଡଁରପାଳ

### ସବୁଠି ବିରୋଧ ସ୍ୱର ଉଠିବା ଦରକାର



ମଦ ବ୍ୟବସାୟୀଙ୍କୁ ପୁରସ୍କାର ପରିବର୍ତ୍ତେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ପାଇଁ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କୁ କିପରି ପୁରସ୍କୃତ କରି ସେମାନଙ୍କ ମନୋବଳ ବଢ଼ାଯିବ ସେ ନେଇ ଯଦି ସୁପାରିସ କରାଯାଆନ୍ତା ତା'ହେଲେ ରାଜ୍ୟବାସୀ ଉପକୃତ ହୋଇପାରନ୍ତେ। କିନ୍ତୁ ଏ ଦିଗରେ ଆବଶ୍ୟକ ଧ୍ୟାନ ଦିଆଯାଉ ନାହିଁ। ମଦ ବିରୋଧରେ ରାଜ୍ୟର ପ୍ରତିଟି ସ୍ଥାନରେ ମହିଳାମାନେ ବିରୋଧର ସ୍ୱର ଉଠାଉଥିବା ବେଳେ ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟିର ପ୍ରସ୍ତାବ କାର୍ଯ୍ୟକାରୀ କରାଗଲେ ଅନେକଙ୍କ ସଂସାର ଉଜୁଡ଼ିଯିବ। ଏପରି ଜନବିରୋଧୀ ପ୍ରସ୍ତାବ ବିରୋଧରେ ସବୁଆଡୁ ସ୍ୱର ଉଠିବା ଦରକାର।

–ସବିତା ପ୍ରଧାନ, ସମ୍ପାଦିକା, ମା'ତାରିଣୀ ମହିଳା ସଂଘ, କୁଲାଡ଼

### ଅସାମାଜିକ କାର୍ଯ୍ୟକଳାପ ଅଧିକ ବଢ଼ାଇବ



ମଦ ପାଇଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସମାଜରେ ଶାନ୍ତି ବ୍ୟାହତ ହେଉଛି। ପାରିବାରିକ ହିଂସା, ନିର୍ଯାତନା ଓ ବଳାତ୍କାର ପରି ଘଟଣା ବଢ଼ିଚାଲିଛି। ତେଣୁ ନିଶା କାରବାରକୁ ସମ୍ପୂର୍ଣ୍ଣ ନିଷେଧ କରିବାର ସମୟ ଆସିଯାଇଛି। ସେଥିପାଇଁ ଗିରାଙ୍ଗ ଛକ ଠାରେ ଥିବା ଏକ ବିଦେଶୀ ମଦ ଦୋକାନକୁ ଉଚ୍ଛେଦ କରିବା ପାଇଁ ଆମେ ଦୀର୍ଘ ଦେଢ଼ବର୍ଷ ଧରି ଲଢ଼େଇ କରୁଛୁ। ଏଥିରେ ପ୍ରଶାସନ, ପୋଲିସ ସହଯୋଗ କରୁନାହିଁ। ଏବେ ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟିର ପ୍ରସ୍ତାବ ସରକାର ଗ୍ରହଣ କଲେ ଅସାମାଜିକ କାର୍ଯ୍ୟକଳାପ ଅଧିକ ବଢ଼ିଯିବ।

–ପ୍ରଭାସିନୀ ସାମଲ, ସଭାନେତ୍ରୀ, ଆଦିଶକ୍ତି ସ୍ୱୟଂସହାୟକ ଗୋଷ୍ଠୀ, ଗିରାଙ୍ଗ

### ଆଶ୍ଚର୍ଯ୍ୟକର ପ୍ରସ୍ତାବ



ରାଜ୍ୟରେ ଅଧିକ ପରିମାଣର ମଦ ବିକ୍ରି ଅଧିକ ମଦ୍ୟପ ସୃଷ୍ଟି କରିବ। ଏହାର ପ୍ରଭାବ ସିଧାସଳଖ ସେମାନଙ୍କ ସ୍ୱାସ୍ଥ୍ୟ ଓ ପରିବାର ଉପରେ ପଡ଼ିବ। ଲୋକଙ୍କୁ ନିଶାସକ୍ତ କରି ରାଜସ୍ୱ ବୃଦ୍ଧି କରାଗଲେ ତାହା ରାଜ୍ୟର କି ଉନ୍ନତି କରିବ ସେ ନେଇ ସରକାର ଗଭୀର ଭାବେ ଚିନ୍ତା କରିବା ଦରକାର। କେଉଁ ବିଚାରରେ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ଏପରି ବିଚିତ୍ର ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦେଲେ ତାହା ଆଶ୍ଚର୍ଯ୍ୟକର। ରାଜସ୍ୱ ବଢ଼ାଇବା ପାଇଁ ଭିନ୍ନ ପନ୍ଥା ବାହାର ନ କରି ସମାଜକୁ ନଷ୍ଟ କରୁଥିବା ନିଶାକୁ ଟାର୍ଗେଟ୍ କରାଯିବା ନିଶ୍ଚିତ ଚିନ୍ତାଜନକ।

–ରୁବି ଗଡ଼ନାୟକ, ସଭାନେତ୍ରୀ, ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଗିରାଙ୍ଗ

### ମହିଳା ସଶକ୍ତୀକରଣ ଦିଗରେ ବାଧକ



ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। କିନ୍ତୁ ସମାଜରୁ ନିଶା ସମ୍ପୂର୍ଣ୍ଣ ନ ହଟିଲେ ସରକାରଙ୍କ ଉକ୍ତ ଯୋଜନାର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। କାରଣ ନିଶା ହିଁ ଏ ଦିଗରେ ବଡ଼ ପ୍ରତିବନ୍ଧକ ହୋଇଆସିଛି। ମଦର ବହୁଳ ପ୍ରସାର କେବେ ସେମାନଙ୍କ ପରିବାରର ଉନ୍ନତି କରିପାରିବ ନାହିଁ। ଏ ଦିଗରେ ରାଜ୍ୟ ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଜରୁରୀ। ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ମଦ ନିଷେଧ କରାଯାଉ। ଏହା ହେଲେ ହିଁ ମହିଳା ସଶକ୍ତୀକରଣର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

–ରେବତୀ ଗଡ଼ନାୟକ, ସଭାନେତ୍ରୀ, ସିଦ୍ଧେଶ୍ୱରୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ନାଲ୍‌କୋ

### ଅପରାଧ ବଢ଼ାଇବାର ମାଧ୍ୟମ



ଅନେକ ସମୟରେ ନିଶା ମଣିଷକୁ ଅପରାଧୀ ସଜାଇ ଦେଉଛି। ଜଘନ୍ୟରୁ ଜଘନ୍ୟ କାଣ୍ଡ ଘଟାଇବାରେ ଏହା ହିଁ ମାଧ୍ୟମ ସାଜୁଛି। ହତ୍ୟା, ବଳାତ୍କାର ଠାରୁ ଆରମ୍ଭ କରି ସଡ଼କ ଦୁର୍ଘଟଣା ଯାଏ ବହୁ କ୍ଷେତ୍ରରେ ମଦ ହିଁ ବିଶୃଙ୍ଖଳା ଓ ଜୀବନହାନିର କାରଣ ହେଉଛି। ବିଷାକ୍ତ ମଦ୍ୟ ପାନ କରି ବହୁ ଲୋକଙ୍କ ଜୀବନ ଯିବା ପରି ଘଟଣା ଓଡ଼ିଶାରେ ବାରମ୍ବାର ଦେଖିବାକୁ ମିଳିଛି। ସେହିପରି ଯୁବ ଓ ଛାତ୍ର ସମାଜକୁ ପଥଭ୍ରଷ୍ଟ କରୁଥିବାର ଉଦାହରଣ ମଧ୍ୟ ଅଭାବ ନାହିଁ। ତେଣୁ ଓଡ଼ିଶାରେ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହେଲେ ଭଲ ହେବ।

–ବୀଣାପାଣି ନାୟକ, ସଭାନେତ୍ରୀ, ଜଗାବଳିଆ ସ୍ୱୟଂସହାୟକ ଗୋଷ୍ଠୀ

## ଏନ୍‌ଟିପିସି ମୁଖ୍ୟ ମହାପ୍ରବନ୍ଧକଙ୍କ ପଦୋନ୍ନତି



ତାଳଚେର, ୨୦।୭(ନି.ପ୍ର.)

କଣିହାଁ ସ୍ଥିତ ଏନ୍‌ଟିପିସିର ମୁଖ୍ୟ ମହାପ୍ରବନ୍ଧକ ରମେଶବାବୁ ଭିଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ପଦୋନ୍ନତି ହୋଇଛି। ଗତ ୧୭ରେ ସେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ମାର୍ଚ୍ଚ ୨୦ରେ ସେ କଣିହାଁ ପ୍ରକଳ୍ପରେ ଗ୍ରୁପ ଜେନେରାଲ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ପରେ ସିଜିଏମ ପଦବୀକୁ ପଦୋନ୍ନତି ହୋଇଥିଲା। ରମେଶ ଦୀର୍ଘ ୩୨ବର୍ଷ ଧରି ଏନ୍‌ଟିପିସିର ବିଭିନ୍ନ ପ୍ରକଳ୍ପରେ ଇରେକ୍ସନ, ମେକାନିକାଲ, ଅପରେଶନ ଆଦି ବିଭାଗରେ ସଫଳତାର ସହ କାମ କରି ଆସିଛନ୍ତି। ଅଧିକାରୀ, କର୍ମଚାରୀ, ଶ୍ରମିକ ପ୍ରତିନିଧିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସମଲ ବଜାର ରାସ୍ତା ଖାଲଖମା

କଣିହାଁ, ୨୦।୭(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ବ୍ୟାରେଜ କଲୋନୀ ବଜାର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ପଥଚାରୀ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ମୁତାବକ, ବ୍ୟାରେଜ କର୍ତ୍ତୃପକ୍ଷ ବଜାରର ହାଇସ୍କୁଲ ଛକଠାରୁ ବ୍ୟାରେଜ ଟୋଲଗେଟ ପର୍ଯ୍ୟନ୍ତ ରାସ୍ତା ନିମ୍ନମାନର ମରାମତି କାମ କରୁଛନ୍ତି। ରାସ୍ତାଟି ପାଲଲହଡାରୁ କଣିହାଁ ବ୍ଲକକୁ ସଂଯୋଗ କରୁଛି। ପବିତ୍ରନଗର ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ କଣିହାଁ ବ୍ଲକ ଓ ତହସିଲକୁ ଯିବାଆସିବାର ଏହା ଏକମାତ୍ର ରାସ୍ତା। ତେଣୁ ତୁରନ୍ତ ବ୍ୟାରେଜ କର୍ତ୍ତୃପକ୍ଷ ସାମାଜିକ ଦାୟିତ୍ୱ ବୋଧ ଯୋଜନାରେ କିମ୍ବା ପ୍ରଶାସନ ତରଫରୁ ଉକ୍ତ ରାସ୍ତା ମରାମତି କରିବାକୁ ସାମାଜିକ କର୍ମୀ ବୁଦ୍ଧିମନ୍ତ ସାହୁ, ତୋଷମଣି ସାହୁ, ଜୟନ୍ତ ସାହୁ ଦାବି କରିଛନ୍ତି।

## ତନିଷ୍କ ଅହଲ୍ୟା କଲେକ୍ସନର ବଜାର ପ୍ରବେଶ



ଅନୁଗୋଳ ଅଫିସ, ୨୦।୭

ତନିଷ୍କ ପକ୍ଷରୁ ଅନୁଗୋଳରେ ହୀରା ଗହଣା ଉପରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ତନିଷ୍କର ନୂଆ କଲେକ୍ସନ 'ଅହଲ୍ୟା' ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ତନିଷ୍କର ମୁଖ୍ୟ ମନିକ ହଂସ ଅହଲ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତନିଷ୍କ ଓଡ଼ିଶାର ଆଞ୍ଚଳିକ ବ୍ୟବସାୟିକ ପ୍ରବନ୍ଧକ ସିଦ୍ଧାର୍ଥ ଅଗ୍ରୱାଲ କହିଛନ୍ତି ଯେ, ଅନୁଗୋଳ ଏକ ଗୁରୁତ୍ୱପୂର୍ଣ୍ଣ ସହର। ତନିଷ୍କ ପାଇଁ ଗହଣାର ମାନ ଗୁରୁତ୍ୱ ବହନ କରେ। ହୀରା ଗହଣା କ୍ଷେତ୍ରରେ ଅନେକ ମାପଦଣ୍ଡ ରହିଛି। ଏହାକୁ ଦୃଷ୍ଟିରେ ରଖି ହିଁ ଗ୍ରାହକ ହୀରାରେ ନିବେଶ କରିବା ଉଚିତ ବୋଲି ଅଗ୍ରୱାଲ କହିଛନ୍ତି। ଅହଲ୍ୟାର ବଜାର ପ୍ରବେଶ କରି ଆମେ ଅତ୍ୟନ୍ତ ଉତ୍ସାହିତ ବୋଲି ସେ କହିଛନ୍ତି। ପ୍ରିମ୍ସ କଲେକ୍ସନର ରଙ୍ଗବେରଙ୍ଗ ହୀରା କାନଫୁଲ ଓ ମୁଦି, ସ୍ୱୟଂ କଲେକ୍ସନ୍‌ର ସବୁଦିନିଆ ଆକର୍ଷଣ ହୀରା ଗହଣା ଓ ରିଭା ଡାଏମଣ୍ଡ ବ୍ରାଇଡ୍‌ସ କଲେକ୍ସନକୁ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟନ କରାଯାଇଥିଲା। ପ୍ରତି ୧୦ଟି ହୀରା ମଧ୍ୟରୁ ତନିଷ୍କ ଉତ୍ପାଦରେ ମାତ୍ର ୬ଟି ସ୍ଥାନ ପାଇଥାଏ। ଟାଇଟନ୍‌ର ପ୍ରମାଣନ ଓ ଟାଟା ଗ୍ରୁପର ଭରସା ମଧ୍ୟରେ ତନିଷ୍କ ଗ୍ରାହକଙ୍କୁ ସର୍ବଦା ଶୁଦ୍ଧତାଯୁକ୍ତ ଗହଣା ପ୍ରଦାନ କରିଥାଏ ବୋଲି ସେ କହିଥିଲେ। ତେବେ ୫ ହଜାରରୁ ଊର୍ଦ୍ଧ୍ୱ ପାରମ୍ପରିକ ଓ ପାଶ୍ଚାତ୍ୟ ତଥା ଫ୍ୟୁଜନ ଲୁକ୍ ବିଶିଷ୍ଟ ଗହଣା ଏବେ ଉପଲବ୍ଧ ହେଉଥିବା ଅଗ୍ରୱାଲ ସୂଚନା ଦେଇଛନ୍ତି। ଏହାପରେ ଗ୍ରାହକଙ୍କ ପାଇଁ ତନିଷ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ତାଲା ଭାଙ୍ଗି ଲୁଟ୍, ଜଣେ ଗିରଫ

ଅନୁଗୋଳ ଅଫିସ, ୨୦।୭

ଅନୁଗୋଳ ଥାନା ଅଧୀନ ତୁରଙ୍ଗ ଅଞ୍ଚଳର ଉମାଶଙ୍କର ବଜାରଠାରେ ବାସ କରୁଥିବା ବ୍ୟବସାୟୀ ମହେନ୍ଦ୍ର କୁମାର ସାହୁଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ପାଚେରିରେ ଚଢ଼ି ଗ୍ରୀଲ ତାଲା ଭାଙ୍ଗି ଘରେ ପଶିବା ସହ ୨୩ ହଜାର ଟଙ୍କା, ୩ ଭରିର ସୁନା ଗହଣା ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ନଂ. ୫୫୦/୧୯ରେ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମହେନ୍ଦ୍ରଙ୍କ ଘରେ ପଶି ଦୁଇଟି ସିସିଟିଭି, ଡୋର ଲକର, ଆଲମିରା ଆଦି ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ଭାଙ୍ଗି ଦେଇଥିଲେ। ଘରର ଜଣେ ସଦସ୍ୟ ପିସିଆର୍‌କୁ କୌଶଳ କ୍ରମେ ଫୋନ ଲଗାଇ ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ।

## ଆଜି ଉଦ୍‌ଘାଟନ ହେବ ନୂତନ ଅଦାଲତ

ଛେଣ୍ଡିପଦା, ୨୦।୭(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସଦରମହକୁମାରେ ନବ ନିର୍ମିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ରବିବାର ଉଦଘାଟନ ହେବ। ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଯୋଗଦେବେ। ଏଥିସହ କୋର୍ଟ ପରିସରରେ ଆୟୋଜିତ ହେବାକୁ ଥିବା ସାଧାରଣ ସଭାରେ ଜଷ୍ଟିସ ରଥ ଯୋଗଦେବେ ବୋଲି ସ୍ଥିର ହୋଇଛି। ଅନୁଗୋଳ ଜିଲା ଦୌରାଜଜ ଅଶାନ୍ତ କୁମାର ଦାସ ଓ ଛେଣ୍ଡିପଦା ବାର ଆସୋସିଏଶନର ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସମ୍ପାଦକ ରାଜକିଶୋର ବେହେରା ପ୍ରକାଶ କରିଛନ୍ତି।

## କିଶୋର ନ୍ୟାୟ ଆଇନ ଜାଣିଲେ ଛାତ୍ରୀଛାତ୍ର

ଅନୁଗୋଳ ଅଫିସ, ୨୦।୭

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହାଇସ୍କୁଲ ଠାରେ କିଶୋର ନ୍ୟାୟ ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ସମ୍ପର୍କରେ ଶିକ୍ଷକ, ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ସରକାରୀ ଓକିଲ ପରମାନନ୍ଦ ମିଶ୍ର, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ପ୍ରମୋଦ ପ୍ରଧାନ, ବସନ୍ତ ଦାସ, ପ୍ରାଧିକରଣ ସଦସ୍ୟ ପର୍ଶୁରାମ ଦାଶ, ଆଇନଜୀବୀ ପ୍ରାଣବନ୍ଧୁ ସାହୁ, ପ୍ରବୋଧ କୁମାର ମହାପାତ୍ର ପ୍ରମୁଖ ଆଇନର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। କିଶୋର ନ୍ୟାୟ ଆଇନ ଅପରାଧରେ ସମ୍ପୃକ୍ତ ଶିଶୁମାନଙ୍କୁ ସଂଶୋଧିତ ହେବାର ସୁଯୋଗ ଦେଇଥାଏ। ୨୦୧୩ ଦିଲ୍ଲୀ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣା ପରେ ଉକ୍ତ ଆଇନରେ ପରିବର୍ତ୍ତନ କରାଯାଇ ୧୬ ରୁ ୧୮ ବର୍ଷ ମଧ୍ୟରେ ଶିଶୁମାନେ ଯଦି କୌଣସି ଜଘନ୍ୟ ଅପରାଧ କରନ୍ତି ଚିଲ୍ଡ୍ରେନ କୋର୍ଟରେ ବିଚାର କରାଯାଇ ସାବାଳକ ଭଳି ଦଣ୍ଡବିଧାନର ବ୍ୟବସ୍ଥା କରାଯାଏ। ସେହିପରି ସମ୍ବିଧାନର ଧାରା ୨୧(କ) ଅନୁଯାୟୀ ୬ ବର୍ଷରୁ ୧୪ ବର୍ଷ ଶିଶୁମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି। ତେଣୁ ପ୍ରତ୍ୟେକ ଶିଶୁର ଶିକ୍ଷା ଓ ଯତ୍ନ ସୁରକ୍ଷାର ଅଧିକାର ରହିଥିବା ସମ୍ପର୍କରେ ଏହି ଶିବିରରେ ସଚେତନ କରାଯାଇଥିଲା। ଏହାପରେ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡେଙ୍ଗୁ ପ୍ରତିରୋଧ ମାସ ପାଳନ ବୈଠକ

# ସଚେତନତା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୨୦।୭

ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ଡେଙ୍ଗୁ ପ୍ରତିରୋଧ ମାସ ପାଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଆୟୋଜିତ ଏହି ବୈଠକରେ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ଯୋଗଦେଇ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଓ ନିରାକରଣ ପାଇଁ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ସମସ୍ତଙ୍କୁ ସଚେତନ କରି ଏହି ରୋଗକୁ ଜିଲାରୁ ଦୂରେଇ ଦେବାକୁ ସେ ପରାମର୍ଶ ଦେଇଥିଲେ।



ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ଅନୁଷ୍ଠିତ ବୈଠକ।

ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ବିଶ୍ୱବିହାରୀ ମହାନ୍ତି ଡେଙ୍ଗୁ ରୋଗର ନିରାକରଣ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକା ଦ୍ୱାରା ସ୍ୱତନ୍ତ୍ର ଦଳ ଗଠନ କରାଯାଇ ସ୍ପ୍ରେ, ବୁଦା ସଫା, ଡ୍ରେନ ସଫା କରିବା, ଓଭରହେଡ ପାଣି ଟାଙ୍କିକୁ ଘୋଡ଼ାଇ ରଖିବା, ସର୍ବଦା ମଶାରି ବ୍ୟବହାର ଓ କଠିନ ତଥା ତରଳ ବର୍ଜ୍ୟବସ୍ତୁ ପରିଚାଳନା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା ଡେଙ୍ଗୁ ଆକ୍ରାନ୍ତଙ୍କୁ ତୁରନ୍ତ ଚିକିତ୍ସା ନେଇ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡାକ୍ତର ରାକେଶ କୁମାର ସାହୁ, ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଡିପିଏମ୍ ଏନ୍‌ଏଚ୍‌ଏମ୍ ବିଶ୍ୱ ରଞ୍ଜନ ରଥଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଡାକ୍ତର, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର,୨୧ ଜୁଲାଇ /୨୦୧୯, Dhenkanal, Sunday July 21 / 2019

■ ଶିଶୁକନ୍ୟା ମୃତଦେହରୁ ଆଖି ଗାଏବ ଘଟଣା

# ଅନୁଗୋଳ ମେଡିକାଲରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଅନୁଗୋଳ ଅଫିସ, ୨୦।୭**



■ବ୍ୟବଚ୍ଛେଦ ଗୃହ ଦେଖିବା ପରେ ଡାକିଲେ ବୈଠକ

■ପ୍ରଶ୍ନ ବାଣରେ ମେଡିକାଲ କର୍ତ୍ତୃପକ୍ଷ ଘାଇଲା

■ଜିଲାପାଳ ମଧ ମାଗିଲେ ତଦନ୍ତ ରିପୋର୍ଟ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ୟବଚ୍ଛେଦ ଗୃହରେ ଥିବା ବଅଁରପାଳ ଥାନା ନୂଆହତା ଗ୍ରାମର ଶିଶୁକନ୍ୟା ପ୍ରୀତି ଗୋଚ୍ଛାୟତଙ୍କ ମୃତଦେହରୁ ଗୁରୁବାର ରାତିରେ ଦୁଇ ଆଖି ଗାଏବ ହୋଇଯିବା ଅଭିଯୋଗର ଅନୁଧ୍ୟାନ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡାକ୍ତର ଦିଲୀପ କୁମାର ଷଡଙ୍ଗୀ। ଶନିବାର ପୂର୍ବାହ୍ନରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନିର୍ଦ୍ଦେଶକ ଶବ ବ୍ୟବଚ୍ଛେଦ ପ୍ରକୋଷ୍ଠ ଅନୁଧ୍ୟାନ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଏଡିଏମ୍‌ଓ ମେଡିକାଲ, ଏଡିଏମ୍‌ଓ ଜନସ୍ୱାସ୍ଥ୍ୟ ବିଭାଗ ଓ ବରିଷ୍ଠ ଡାକ୍ତରଙ୍କ ସହ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ।

ବ୍ୟବଚ୍ଛେଦ ଗୃହରେ ଥିବା ଶିଶୁକନ୍ୟାର ମୃତଦେହରୁ ୨ ଆଖି କୁଆଡ଼େ ଗଲା। ମୂଷା କିପରି ବକ୍ସ ଭିତରେ ପଶି ଆଖି ନେଲା। ଏପରି ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଥିଲେ ନିର୍ଦ୍ଦେଶକ। ଜବାବରେ ଡାକ୍ତରମାନେ ଆଖି ଭିତରକୁ ପଶିଯାଇଥିବା ସଫେଇ ଦେଇଥିଲେ ବି ନିର୍ଦ୍ଦେଶକ ତାହାକୁ ଗ୍ରହଣ କରି ନ ଥିଲେ। ଘଟଣାର ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ଲିଖିତ ଆକାରରେ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଶିଶୁ କନ୍ୟାକୁ ଗୁରୁବାର ରାତିରେ ମୃତ ଘୋଷଣା କରିଥିବା ଡାକ୍ତର ବିଶୋଇଙ୍କୁ ଡାକି ନିର୍ଦ୍ଦେଶକ ଷଡଙ୍ଗୀ ପଚରା ଉଚରା କରିଥିଲେ। ଏ ସମ୍ପର୍କରେ ନିର୍ଦ୍ଦେଶକ ଗଣମାଧ୍ୟମକୁ କହିଛନ୍ତି ଯେ, ଘଟଣାଟି ଯେତିକି ସମ୍ବେଦନଶୀଳ ସେତିକି ସନ୍ଦେହଜନକ। ଫ୍ରିଜର ଭିତରେ ମୂଷା ପଶିପାରିବ ନାହିଁ। ତେଣୁ ମୃତଦେହ ମୂଷା ଦ୍ୱାରା ଏଭଳି କ୍ଷତବିକ୍ଷତ ହେବା ସମ୍ଭବ ନୁହେଁ। ଘଟଣାକୁ ନେଇ ଅଧିକ ତଦନ୍ତର ଆବଶ୍ୟକତା ରହିଛି ବୋଲି ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ମନୋଜ କୁମାର ମହାନ୍ତି ମଧ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସିଡିଏମ୍‌ଓ ପ୍ରତାପ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏମିତି ଘଟଣା ଯେପରି ଆଗକୁ ନ ଘଟେ ସେଥିପାଇଁ ଜିଲାପାଳ ଚେତାବନୀ ଦେଇଛନ୍ତି। ଘଟଣାଟି ଅତି ସମ୍ବେଦନଶୀଳ ହୋଇଥିବାରୁ ତାହା ଉପରେ ନଜର ରଖାଯାଇଥିବା ଜିଲାପାଳ କହିଛନ୍ତି। ଏଥିସହ ମୃତକଙ୍କ ପରିବାର ଲୋକଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୪୮ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ଦିଆଯିବ ବୋଲି ଶୁକ୍ରବାର ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିଲେ ବି ଏଯାଏ ଟିମ୍ ଗଠନ କରାଯାଇ ନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ସିଡିଏମ୍‌ଓ ବେହେରା ଓ ଏଡିଏମ୍‌ଓ ମେଡିକାଲଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ହେଁ କେହି କଲ୍ ରିସିଭ କରି ନ ଥିବାରୁ ମତାମତ ମିଳିପାରି ନାହିଁ।

## ମୂଷା ଭୟ: ଝିଅ ଶବ ଜଗିବସିଲେ ମା'

**ଅନୁଗୋଳ ଅଫିସ, ୨୦।୭**



ଅନୁଗୋଳ ମେଡିକାଲ ଶବ ବ୍ୟବଚ୍ଛେଦ ଗୃହରୁ ଜଣେ ଶିଶୁକନ୍ୟାର ଦୁଇ ଆଖି ଗାଏବ ଅଭିଯୋଗ ଅନ୍ୟ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଏହାର ଉଦାହରଣ ଶୁକ୍ରବାର ରାତିରେ ହିଁ ଦେଖିବାକୁ ମିଳିଛି। ସାପ କାମୁଡ଼ାରେ ଜଣେ ୮ ବର୍ଷର ଶିଶୁକନ୍ୟାର ମୃତ୍ୟୁ ପରେ ଡାକ୍ତର ମୃତଦେହ ବ୍ୟବଚ୍ଛେଦ ଗୃହକୁ ନ ପଠାଇ କାଜୁଆଲଟି ବାହାରେ ରଖିଥିବା ବେଳେ ରାତି ସାରା ତାହାକୁ ମା' ଜଗି ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ପ୍ରକାଶ ଯେ, ସ୍ଥାନୀୟ ଖଣ୍ଡହତା ଗାଁର ଜୟଶ୍ରୀ ନେହେରାଙ୍କୁ ସାପ କାମୁଡ଼ି ଦେଇଥିଲା। ଶୁକ୍ରବାର ରାତିରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କିନ୍ତୁ ଶିଶୁକନ୍ୟାର ଶବ ବ୍ୟବଚ୍ଛେଦ ଗୃହକୁ ନ ପଠାଇ କାଜୁଆଲଟି ବାରଣ୍ଡାରେ ରଖାଯାଇଥିଲା। ଶବ ସଂରକ୍ଷଣ ଗୃହର ଚାବି କାଜୁଆଲଟିରେ ଥାଇ ବି ଡାକ୍ତର ସେଠାକୁ ମୃତଦେହ ପଠାଇ ନ ଥିବା ବେଳେ ରାତି ସାରା ଝିଅର ମୃତଦେହ ସେ ଜଗି ବସିଥିବା ଜୟଶ୍ରୀଙ୍କ ମା' କହିଛନ୍ତି। ଶନିବାର ସକାଳେ ମୃତଦେହକୁ ବ୍ୟବଚ୍ଛେଦ ଗୃହକୁ ନିଆଯାଇଥିଲା। ଅନୁଗୋଳ ପୋଲିସ ପହଞ୍ଚି ପଞ୍ଚନାମା କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

ADMISSION OPEN - 2019
BSC ITM
Duration-3Yr's : ₹. 15,000/-(Per Semester)
BSC with COMP. SC. HONOURS
Duration-3Yr's : ₹. 25,000/-(Per Semester)
Under Utkal University, Govt of Odisha
FACILTIES
- Special Coaching for Banking, Railway, SSC & others.
- Same Campus for Hostel & College.
- Highly Experienced faculty with PhD Qualification.
- A/C Class Rooms & well equipped Laboratory.
- Separate Hostel for Boy's & Girl's.
- Transport facility from door step.
SARASWATI
DEGREE SCIENCE COLLEGE (+3 SCIENCE)
ARUNODOYA MARKET (NEAR CAC), LINK ROAD, CUTTACK-753012
PH.: 0671-2321011, 7609091224, 9437025754

## ଠାକୁରଗଡ଼ରେ ବଢୁଛି ଚୋରା ମଦ କାରବାର

**ବଇଣ୍ଡା,୨୦।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପେଡ଼ିପଥର, ସାନହୁଲା, କୁରୁମଟାପ, କୃତ୍ତିବାସପୁର, ପାଇକସାହି, ସାପଘରା, ଟାପଡୋଲ ଆଦି ବିଭିନ୍ନ ପଞ୍ଚାୟତରେ ବ୍ୟାପକ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ଚଢାଉ କରାଯାଉ ନ ଥିବା ଯୋଗୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗ ମୁତାବକ, ଏହି ଥାନା ଅଞ୍ଚଳରେ ୨ଟି ଦେଶୀ ଓ ୨ଟି ବିଦେଶୀ ମଦ ଦୋକାନ ରହିଛି। ମଦ ବ୍ୟବସାୟ ବୃଦ୍ଧି କରିବା ପାଇଁ ମଦ ଦୋକାନର କର୍ମଚାରୀମାନେ ବାଇକ ଯୋଗେ ଗ୍ରାମାଞ୍ଚଳରେ ଥିବା ପାନ ଓ ତେଜରାତି ଦୋକାନକୁ ଚାଲାଣ କରୁଛନ୍ତି। ଗ୍ରାମାଞ୍ଚଳ ଦୋକାନୀମାନେ ମଦ ବ୍ୟବସାୟରେ ଭଲପଇସା ଲାଭ ପାଉଥିବା ଯୋଗୁ ଏହି କାରବାର କରୁଛନ୍ତି। ଏ ନେଇ ବାରମ୍ବାର ପୋଲିସ ଓ ଅବକାରୀ ବିଭାଗକୁ ଅଭିଯୋଗ କଲେ ମଧ ଚଢ଼ାଉ ହେଉ ନ ଥିବା ପାଇକସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଠାକୁରଗଡ଼ ଥାନା ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ଚୋରା ମଦକୁ ରୋକିବା ପାଇଁ ପୋଲିସ ପକ୍ଷରୁ ଚଢାଉ କରାଯାଉଛି।

ରନ୍ତଲେଇ ଧାନମଣ୍ଡିରେ ଦୁର୍ନୀତି ଘଟଣା

## ସମ୍ପାଦିକାଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ

**ଅନୁଗୋଳ ଅଫିସ, ୨୦।୭**

ଅନୁଗୋଳ ଜିଲା ରନ୍ତଲେଇ ସେବା ସମବାୟ ସମିତିରେ ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କାର ଦୁର୍ନୀତି ଅଭିଯୋଗ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ରାଜ୍ୟ ସମବାୟ ନିବନ୍ଧକ। ସମ୍ପୃକ୍ତ ସମିତିର ସମ୍ପାଦିକା ସାଗରିକା ସାହୁଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଆପରାଧିକ ମାମଲା ରୁଜୁ କରିବାକୁ ସମବାୟ ନିବନ୍ଧକ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମିତିକୁ କଳା ତାଲିକାଭୁକ୍ତ କରାଯାଇଛି। ସମିତିରେ ଧାନ କିଣାରେ ବ୍ୟାପକ ଦୁର୍ନୀତି, ନକଲି ଚାଷୀଙ୍କ ଠାରୁ ଧାନ କିଣାଯାଇଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ପ୍ରଦାନ କରାଯାଇଛି। ଅନୁଗୋଳ ସମବାୟ ଉପନିବନ୍ଧକଙ୍କ ପକ୍ଷରୁ ଅଭିଯୋଗର ତଦନ୍ତ କରାଯାଇଥିବାବେଳେ ସମ୍ପାଦିକା ସାହୁଙ୍କ ସମ୍ପୃକ୍ତିଥିବାର ପ୍ରମାଣ ମିଳିଥିଲା। ଏପରି କି ପିଅନ ଓ ତାଙ୍କ ସମ୍ପର୍କୀୟମାନେ ମଣ୍ଡିରେ ସର୍ବାଧିକ ପରିମାଣର ଧାନ ବିକ୍ରି କରିଥିବା ଅଭିଯୋଗ ଆସିଥିଲା।

ବି-ଟେକ୍ସ ଲୋସନ


ଯାଦୁ, କାଛୁ, କୁଣ୍ଡିଆର
ପ୍ରଭାବୀ ଉପଚାର
ବି-ଟେକ୍ସ ଲୋଶନ୍
BIJAY PHARMACEUTICAL AGENCY,
CUTTACK. Ph.: 2308429

## କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ କନ୍ୟାର ଦୁଇ ଆଖି ଗାଏବ ଘଟଣାକୁ ନେଇ ଶନିବାର ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏହି ଅଭିଯୋଗ କରିଛନ୍ତି। ମୃତ ଶିଶୁର ପରିବାର ଲୋକଙ୍କୁ ମୁଖ୍ୟ ଶାସନ ସଚିବ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ବିରୋଧରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେବା ପାଇଁ ସେ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ଏହି ସଙ୍ଗିନ ମାମଲାକୁ କମିଶନଙ୍କ କାର୍ଯ୍ୟାଳୟ ଗୁରୁତର ସହ ନେଇ ପରବର୍ତ୍ତୀ ବିଚାର ପାଇ ପଞ୍ଜୀକୃତ କରିଛନ୍ତି।

## ଗ୍ରାମୀଣ ଖାଦ୍ୟ ଯୋଜନା ଶୁଭାରମ୍ଭ



**ବଅଁରପାଳ, ୨୦।୭(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗିରାଙ୍ଗ ଅମୃତ କେନ୍ଦ୍ରଠାରେ ଗ୍ରାମୀଣ ଖାଦ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ସାମାଜିକକର୍ମୀ ସୁଖବନ୍ଧୁ ଦେହୁରୀ ନୂତନ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଗିରାଙ୍ଗ ସରପଞ୍ଚ ସୁଜାତା ଦେହୁରୀ, ଗ୍ରାମ ସଭାପତି ବିଜୟ ସାମଲ, ୱାର୍ଡ ସଭ୍ୟ ହରି ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଜାରରେ ମିଳୁଥିବା ରାଶନ ସାମଗ୍ରୀକୁ ଏହି କେନ୍ଦ୍ରରେ ହିତାଧିକାରୀମାନେ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଏରିଆ ମ୍ୟାନେଜର ଚନ୍ଦନ ଅମାନ୍ତ ସୂଚନା ଦେଇଛନ୍ତି। ସେହିପରି ଲୋକେ ଘର ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇପାରିବେ। ଗିରାଙ୍ଗ ଅଞ୍ଚଳର ୫ ହଜାର ଲୋକ ଏହି ସୁବିଧାର ଲାଭ ଉଠାଇପାରିବେ ବୋଲି କେନ୍ଦ୍ରର ସଞ୍ଚାଳକ ରଶ୍ମିତା ଦେହୁରୀ କହିଛନ୍ତି। ସୌମେନ୍ଦ୍ର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବହୁ ହିତାଧିକାରୀଙ୍କୁ ଯୋଜନାରେ ନୂତନ କାର୍ଡ ପ୍ରଦାନ କକରାଯାଇଥିଲା।

## ଚୋରି ଅଭିଯୋଗ, ୩ ଗିରଫ

**ଅନୁଗୋଳ ଅଫିସ, ୨୦।୭**

ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଥିବା ପାନ ମସଲା ଦୋକାନରୁ ଚୋରି ଅଭିଯୋଗରେ ତିନି ଜଣଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ସେମାନେ ହେଲେ ଶାକସିଂହା ଗ୍ରାମର ମିଥୁନ ସାହୁ(୩୦), ବଅଁରପାଳ ଥାନା ତୁରଙ୍ଗ ଗ୍ରାମର ରାକେଶ କର(୨୪) ଓ ଠାକୁରଗଡ଼ ଥାନା ତାପଡ଼ୋଳ ଗ୍ରାମର ଅରୁଣ ସାହୁ(୩୬)। ସେମାନଙ୍କୁ ନଂ. ୫୩୦/୧୯ ମାମଲାରେ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୧୫ ତାରିଖରେ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଥିବା ଅଖିଳ ନାହାକଙ୍କ ପାନମସଲା ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ମାମଲା ହୋଇଥିଲା। ଏହି ଘଟଣାରେ ଜଣଙ୍କ ଚିତ୍ର ସିସିଟିଭିରେ କଏଦ ହୋଇଥିଲା।

## ସାତକୋଶିଆ ଗଣ୍ଡରେ ଛଡ଼ାଗଲା ୫ ଘଡ଼ିଆଳ

**ଲାଗିଲା ୫ ସ୍ୱତନ୍ତ୍ର ଟ୍ରାନ୍ସମିଟର**



**ବନ୍ତଲା, ୨୦।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ମହାନଦୀ ଗଣ୍ଡରେ ଶୁକ୍ରବାର ଅପରାହ୍ନରେ ୫ଟି ଘଡିଆଳ କୁମ୍ଭୀର ଛଡାଯାଇଛି। ଏହି କୁମ୍ଭୀରଗୁଡିକୁ ନନ୍ଦନକାନନରୁ ସେଠାକୁ ନିଆଯାଇଛି। ଘଡ଼ିଆଳଙ୍କ ଗତିବିଧି ଜାଣିବା ପାଇଁ ସ୍ୱତନ୍ତ୍ର ଭାବରେ ୫ଟି ଟ୍ରାନ୍ସମିଟର ଲଗାଯାଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ବନ୍ୟପ୍ରାଣୀ(ପିସିସିଏଫ) ଅଜୟ ମହାପାତ୍ର, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ, ମହାନଦୀ ବନ୍ୟପ୍ରାଣୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ, ସାତକୋଶିଆ ବନ୍ୟପ୍ରାଣୀ ଡିଏଫଓ ପି ରାମସ୍ୱାମୀ, ଏସିଏଫ ଶୁଭେନ୍ଦୁ ବେହେରା, ସରୋଜ କୁମାର ପଣ୍ଡା, ବିଜୟ ମହାନ୍ତି, ପି. କେ ସ୍ୱାଇଁ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର କୁମାର ସାହୁଙ୍କ ସହିତ ନନ୍ଦନକାନନରୁ ଯାଇଥିବା ସ୍ୱତନ୍ତ୍ର ୫ ଜଣିଆ ଟିମ ଉପସ୍ଥିତିରେ ସୁରକ୍ଷିତ ଭାବେ କୁମ୍ଭୀରଗୁଡିକୁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ଥିବା କୁସଙ୍ଗ ରେଞ୍ଜ ସୁନା ଖଣିଆ ଅଞ୍ଚଳରେ ଛଡାଯାଇଥିଲା। ୪ ବର୍ଷିଆ ଏହି ୫ଟି ଘଡିଆଳ ମଧ୍ୟରେ ଗୋଟିଏ ଅଣ୍ଡିରା ଓ ୪ ଟି ମାଈ ଘଡ଼ିଆଳ ରହିଛନ୍ତି। ସମସ୍ତଙ୍କ ଲମ୍ବ ୫ ଫୁଟ ମଧ୍ୟରେ ରହିଛି। ସ୍ୱତନ୍ତ୍ର ଗାଡ଼ିରେ ୫ଟି ବାକ୍ସରେ କୁମ୍ଭୀରଗୁଡିକୁ ନୟାଗଡ଼ ଦେଇ କୁସଙ୍ଗକୁ ଅଣାଯାଇଥିଲା। ୫ ଜଣିଆ ଟିମରେ ନନ୍ଦନକାନନ ପ୍ରାଣୀ ଡାକ୍ତର, ଦୁଇଜଣ ସହକାରୀ ଡାକ୍ତର, ଜଣେ ସ୍ପେଶିଆଲିଷ୍ଟ ଓ ଜଣେ ଆନିମଲ କେୟାର ସାମିଲ ଥିଲେ।

ସାତକୋଶିଆ ଗଣ୍ଡରେ ମଗର ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଘଡ଼ିଆଳ ବଂଶ କମିବାରେ ଲାଗିଛି। ୨୦୧୯ ଜାନୁୟାରୀରେ କୁମ୍ଭୀର ଗଣନା ସମୟରେ ଗଣ୍ଡରେ ୮ଟି ଘଡ଼ିଆଳ ଥିବା ଜଣାପଡିଥିଲା। ଏବେ ଏହି ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଏଥି ସହିତ ଗଣ୍ଡରେ ଛଡା ଯାଉଥିବା ଘଡ଼ିଆଳର ପତ୍ତା ମିଳୁ ନ ଥିବାରୁ ଏଗୁଡିକର ଗତିବିଧି ଜାଣିବା ପାଇଁ ସ୍ୱତନ୍ତ୍ର ଭାବେ ରାଜସ୍ଥାନର ଏକ ସଂସ୍ଥାଠାରୁ ୫ଟି ଟ୍ରାନ୍ସମିଟର ଅଣାଯାଇ ଲଗାଯାଇଛି। ନନ୍ଦନକାନନରୁ ଏକ ବର୍ଷ ମଧ୍ୟରେ ୩୫ ଟି ଘଡ଼ିଆଳ ଆଣାଯାଇ ଛଡ଼ାଯିବ ବୋଲି ସୂଚନା ମିଳିଛି। ସାତକୋଶିଆ ପ୍ରାଣୀ ବିଶେଷଜ୍ଞ ରୁଦ୍ର ନାରାୟଣ ପ୍ରଧାନଙ୍କ ସମେତ କୁସଙ୍ଗର ଡେପୁଟି ରେଞ୍ଜର ପ୍ରଦୀପ ଭୂତିଆ, ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକ, ବାଣୀଗୋଛା ରେଞ୍ଜର ସଂସାର ବର୍ଗିଆ, କୁଆଁରିଆ ରେଞ୍ଜର ମାଧବ ନାଏକ, ଛାମୁଣ୍ଡିଆ ରେଞ୍ଜର ବେଣୁଧର ବେହେରା, ଜିଲିଣ୍ଡା ରେଞ୍ଜର ହରିଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ

**କଣିହାଁ,୨୦।୭(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ରେଙ୍ଗାଳି ଥାନା ସୁନ୍ଦରପାଳ ଗ୍ରାମର ଭବାନୀ ନାଏକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି ତାଙ୍କ ସ୍ତ୍ରୀ ଖୁଲଣା ନାଏକ। ଏ ନେଇ ସେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। କଣିହାଁ ଥାନା ଡେରଙ୍ଗ ଗ୍ରାମର ଖୁଲଣା ୨୦୧୮ ମାର୍ଚ୍ଚ ୭ରେ ଭବାନୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଯୌତୁକ ଦାବି କରି ଶାଶୁ ଘର ଲୋକେ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି କି ହତ୍ୟା ଉଦ୍ୟମ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏହାର ନକଲ ଅନୁଗୋଳ ଏସପିଙ୍କୁ ପଠାଯାଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ନଂ. ୭୨/୧୯ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ସରୋଜ କୁମାର ସାମଲ କହିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ